ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଜ୍ଞାନ ବିଭାଗ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି
(ପଶ୍ଚିମ-ପାହାଡ଼ିଆ କୃଷି ଜଳବାୟୁ ଅଞ୍ଚଳ)

**ପତ୍ର ସଂ–୫୭/୨୦୨୬ | ସପ୍ତାହ-୨୯ | ଶୁକ୍ରବାର, ତାରିଖ-୧୭.୦୭.୨୦୨୬**

## ଭବାନୀପାଟନା କୃଷିପାଣିପାଗ କ୍ଷେତ୍ର ୟୁନିଟ ରେ ପୂର୍ବ ସପ୍ତାହରେ ରେକର୍ଡ କରାଯାଇଥିବା ପାଣିପାଗ ସୂଚନା :

| | |
|---|---|
| ସର୍ବମୋଟ ବୃଷ୍ଟିପାତ (ମିମି) / ବର୍ଷା ଦିନ (୦୧-୦୧-୨୦୨୬ ଠାରୁ) | ୪୧୫.୪/୨୫ |
| ସାପ୍ତାହିକ ବୃଷ୍ଟିପାତ(ମିମି) / ବର୍ଷା ଦିନ | ୭୬.୮/୦୪ |
| ସାପ୍ତାହିକ ହାରାହାରି ସର୍ବାଧିକ ତାପମାତ୍ରା (⁰C) | ୩୨.୪ |
| ସାପ୍ତାହିକ ହାରାହାରି ସର୍ବନିମ୍ନ ତାପମାତ୍ରା (⁰C) | ୨୫.୩ |

## କଳାହାଣ୍ଡି ଜିଲ୍ଲା ପାଇଁ ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ :

| ଜିଲ୍ଲା | ତାରିଖ | ବର୍ଷାର ପରିମାଣ (ମି.ମି.) | ସର୍ବାଧିକ ତାପମାତ୍ରା (⁰ସେ.) | ସର୍ବନିମ୍ନ ତାପମାତ୍ରା (⁰ସେ.) | ଆକାଶରେ ମେଘର ପରିମାଣ (ଅକଟା) | ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (%) | ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (%) | ପବନର ବେଗ (କି.ମି. ପ୍ରତି ଘଣ୍ଟା ) | ପବନର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| କଳାହାଣ୍ଡି | ୧୮-୦୭-୨୦୨୬ | ୨୫ | 27 | ୨୩ | ୮ | ୯୪ | ୭୬ | ୧୦ | ୨୨୫ |
| | ୧୯-୦୭-୨୦୨୬ | ୯ | 27 | ୨୩ | ୮ | ୯୨ | ୭୪ | ୧୦ | ୧୫୩ |
| | ୨୦-୦୭-୨୦୨୬ | ୧୦ | ୨୮ | ୨୩ | ୮ | ୯୧ | ୭୨ | ୯ | ୨୪୬ |
| | ୨୧-୦୭-୨୦୨୬ | ୯ | ୨୮ | ୨୪ | ୮ | ୯୨ | ୭୬ | ୯ | ୨୩୨ |
| | ୨୨-୦୭-୨୦୨୬ | ୮ | ୨୯ | ୨୪ | ୮ | 90 | ୭୪ | ୯ | ୨୩୯ |

**ଅଧିକ ସୂଚନା ପାଇଁ ପାଣିପାଗ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ସହିତ ଯୋଗାଯୋଗ କରନ୍ତୁ ଫୋନ.#୦୬୭୪ - ୨୫୯୬୧୧୬**

### ଆଗାମୀ ପାଞ୍ଚ ଦିନର ପାଣିପାଗ ସଂକ୍ଷିପ୍ତସାର/ସତର୍କ ସୂଚନା

ଭାରତ ପାଣିପାଗ ବିଭାଗର ଉପରୋକ୍ତ ପାଞ୍ଚ ଦିନର ଆକଳନ ଅନୁସାରେ ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଜିଲ୍ଲାରେ ହାଲୁକା ରୁ ମଧ୍ୟମ ବର୍ଷା (୦୮ ରୁ ୨୫ ମିମି/ଦିନ) ହେବାର ସମ୍ଭାବନା ରହିଛି । ଏହି ଦିନ ଗୁଡ଼ିକରେ ଆକାଶ ମେଘାଚ୍ଛନ୍ନ ରହିବା ସହିତ ଘଣ୍ଟା ପ୍ରତି ୦୯ ରୁ ୧୦ କିଲୋମିଟର ବେଗରେ ମୁଖ୍ୟତଃ ଦକ୍ଷିଣ-ପଶ୍ଚିମ ଦିଗ ରୁ ପବନ ବହିବାର ସମ୍ଭାବନା ରହିଛି। ଦିନର ସର୍ବୋଚ୍ଚ ତାପମାତ୍ରା ୨୭ ରୁ ୨୯° ସେଲସିୟସ୍ ମଧ୍ୟରେ ରହିବାକୁ ଥିବାବେଳେ ସର୍ବନିମ୍ନ ତାପମାତ୍ରା ୨୩ ରୁ ୨୪° ସେଲସିୟସ୍ ପାଖାପାଖି ରହିବାର ସମ୍ଭାବନା ଅଛି। ସକାଳ ସମୟରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୯୦ ରୁ ୯୪% ଏବଂ ଅପରାହ୍ନ ସମୟରେ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୭୨ ରୁ ୭୬% ମଧ୍ୟରେ ରହିବାର ପୂର୍ବାନୁମାନ ରହିଛି, ଯାହା ଅତ୍ୟଧିକ ଆର୍ଦ୍ର ପରିସ୍ଥିତିର ସମ୍ଭାବନା କୁ ଦର୍ଶାଉଛି। ।

**ଚେତାବନୀ : ଜିଲ୍ଲାରେ ଗୋଟିଏ କିମ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା (ଆସନ୍ତାକାଲି ସକାଳ ୦୮:୩୦ ପର୍ଯ୍ୟନ୍ତ ବୈଧ) ।**

**ପାଣିପାଗ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ଦ୍ୱାରା ପ୍ରସ୍ତୁତ ଓଡ଼ିଶାରେ ଆଗାମୀ ଦୁଇ ସପ୍ତାହ ପାଇଁ ପାଣିପାଗ ପୂର୍ବାନୁମାନ:**

- **ପ୍ରଥମ ସପ୍ତାହ (୧୭ ଜୁଲାଇ ରୁ ୨୩ ଜୁଲାଇ, ୨୦୨୬):** ପ୍ରଥମ ସପ୍ତାହରେ ଓଡ଼ିଶାରେ ଓଡ଼ିଶାର କେତେକ ସ୍ଥାନରୁ ଅଧିକାଂଶ ସ୍ଥାନରେ ସାଧାରଣରୁ ମଧ୍ୟମ ଧରଣର ବର୍ଷା ସହ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ପ୍ରଥମ ସପ୍ତାହରେ ବୃଷ୍ଟିପାତର ପରିମାଣ ଦକ୍ଷିଣ ଓଡ଼ିଶାରେ ସ୍ୱାଭାବିକଠାରୁ ବହୁତ ଅଧିକ ଏବଂ ବାକି ଅଞ୍ଚଳରେ ସ୍ୱାଭାବିକ ରହିବାର ସମ୍ଭାବନା ରହିଛି ।

  **ଏହା ସହିତ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ତାହା ସଂଲଗ୍ନ ପୂର୍ବ ଭାରତର ସ୍ଥଳଭାଗ ଅଞ୍ଚଳରେ ବାତ୍ୟା କିମ୍ବା ଅବପାତ ସୃଷ୍ଟି ହେବାର ମଧ୍ୟମ ସମ୍ଭାବନା ରହିଛି।**
- **ଦ୍ୱିତୀୟ ସପ୍ତାହ (୨୪ ଜୁଲାଇ ରୁ ୩୦ ଜୁଲାଇ, ୨୦୨୬):** ଦ୍ୱିତୀୟ ସପ୍ତାହ ରେ ଓଡ଼ିଶାରେ କେତେକ ସ୍ଥାନରେ ସାଧାରଣରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ସାମଗ୍ରିକ ଭାବେ, ରାଜ୍ୟର ଅଧିକାଂଶ ଅଞ୍ଚଳରେ ବୃଷ୍ଟିପାତର ପରିମାଣ ସ୍ୱାଭାବିକ ରହିବାକୁ ଥିବାବେଳେ, ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ଉପକୂଳବର୍ତ୍ତୀ ଓଡ଼ିଶାର କେତେକ ସ୍ଥାନରେ ବର୍ଷାର ପରିମାଣ ସ୍ୱାଭାବିକଠାରୁ କମ୍ ରହିବାର ସମ୍ଭାବନା ରହିଛି।

  **ଏହି ସମୟରେ ପୂର୍ବ ଭାରତର ସ୍ଥଳଭାଗ ଅଞ୍ଚଳରେ ବାତ୍ୟା କିମ୍ବା ଅବପାତ ସୃଷ୍ଟି ହେବାର କମ୍‌ରୁ ମଧ୍ୟମ ସମ୍ଭାବନା ଏବଂ ଉତ୍ତର ବଙ୍ଗୋପସାଗରରେ ଏହାର ସମ୍ଭାବନା ବହୁତ କମ୍ ରହିଛି।**

## କଳାହାଣ୍ଡି ଜିଲ୍ଲା ପାଇଁ ପାଣିପାଗ ଭିତ୍ତିକ କୃଷି ପରାମର୍ଶ

### ସାଧାରଣ ପରାମର୍ଶ

- ଆଗାମୀ ୫ ଦିନ ମଧ୍ୟରେ ହାଲୁକା ରୁ ମଧ୍ୟମ ବର୍ଷାର ସମ୍ଭାବନା ରହିଛି, ତେଣୁ ଚାଷୀମାନେ ସତର୍କ ରୁହନ୍ତୁ ଏବଂ ନିୟମିତ ଭାବେ ପାଣିପାଗ ସୂଚନା ଅନୁସରଣ କରନ୍ତୁ।
- ମଧ୍ୟମ ଧରଣର ବର୍ଷା ହେବାର ଅଧିକ ସମ୍ଭାବନା ରହିଛି, ଏଥିପାଇଁ ଜମିରୁ ମାତ୍ରାଧିକ ପାଣି ବାହାର କରିବା ପାଇଁ ଉତ୍ତମ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ଏବଂ ଜଳସେଚନ କାର୍ଯ୍ୟକୁ ସ୍ଥଗିତ ରଖନ୍ତୁ।
- ପରିବେଶରେ ଅତ୍ୟଧିକ ଆର୍ଦ୍ରତା (ଶୀତଳାଭାବ) ଯୋଗୁଁ ରୋଗର ପ୍ରାଦୁର୍ଭାବ ବଢ଼ିପାରେ, ତେଣୁ ନିୟମିତ ଭାବେ ଫସଲ ନିରୀକ୍ଷଣ କରନ୍ତୁ ଏବଂ ପାଗ ଶୁଖିଲା ଥିବା ସମୟରେ ରୋଗ ପ୍ରତିରୋଧକ କୀଟନାଶକ ସ୍ପ୍ରେ କରନ୍ତୁ।
- ସାମାନ୍ୟ ତାପମାତ୍ରା ଫସଲର ବୃଦ୍ଧି ଏବଂ ପୋକ ବଂଶବୃଦ୍ଧି ଉଭୟ ପାଇଁ ଅନୁକୂଳ ହୋଇଥିବାରୁ, ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଆପଣାନ୍ତୁ।

- ଅତ୍ୟଧିକ ବର୍ଷା ଯୋଗୁଁ ସାର ମାଟିରେ ଅଧିକ ଭିତରକୁ ଚାଲିଯାଇ ନଷ୍ଟ ହୋଇଯାଇପାରେ, ତେଣୁ ବର୍ଷା ଛାଡ଼ିବା ପରେ କିସ୍ତି ଅନୁସାରେ (ଭାଗ ଭାଗ କରି) ସାର ପ୍ରୟୋଗ କରନ୍ତୁ।
- ଅନିୟମିତ (ତୁହା କୁ ତୁହା) ବର୍ଷା ହେବା ଯୋଗୁଁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇପାରେ, ତେଣୁ କୀଟନାଶକ ସ୍ପ୍ରେ ଏବଂ କୋଡ଼ାଖୋସା (ଅନ୍ତଃଚାଷ) କାର୍ଯ୍ୟ କେବଳ ପାଗ ଶୁଖିଲା ଥିବା ସମୟରେ ହିଁ କରନ୍ତୁ।
- ବର୍ଷା ସମୟରେ ଗୋରୁଗାଇ ଓ କୁକୁଡ଼ାମାନଙ୍କୁ ଉପଯୁକ୍ତ ରହିବା ସ୍ଥାନ (ଆଶ୍ରୟସ୍ଥଳୀ) ପ୍ରଦାନ କରନ୍ତୁ।

| ସଂକ୍ଷିପ୍ତ ବାର୍ତା | ▪ ରୁଆ ଧାନ ଚାଷରେ ଅନ୍ତିମ କାଦୁଅ ସମୟରେ ମୁଖ୍ୟ ଜମିରେ ଜମିରେ ଏକର ପ୍ରତି ୮ କୁଇଣ୍ଟାଲ ଶଢା ଗୋବର ଖତ ପ୍ରୟୋଗ କରନ୍ତୁ। |
|---|---|

| ଫସଲ ଓ ପ୍ରାଣୀସମ୍ପଦ ସମ୍ବନ୍ଧୀୟ ପରାମର୍ଶ | | |
|---|---|---|
| **ଫସଲ ର ନାମ** | **ଫସଲ ଅବସ୍ଥା** | **ପରାମର୍ଶ** |
| **କ୍ଷେତ୍ର ଫସଲ** | | |
| **ଖରିଫ ଧାନ** | **ବୁଣିବା ଅବସ୍ଥା/ ତଳି ପଡ଼ିବା ଅବସ୍ଥା** | **ବୁଣା ଧାନ :**<br>**ଘାସ ପରିଚାଳନା :** ଗଜା ପୂର୍ବରୁ ଘାସ ଦମନ ନିମନ୍ତେ ଧାନ ବୁଣିବାର ୨ ରୁ ୩ ଦିନ ମଧ୍ୟରେ ଏକର ପ୍ରତି ୮୦୦ ମିଲିଗ୍ରାମ ପ୍ରିଟିଲାକ୍ଲୋର ୩୦.୭ % ଇସି କିମ୍ବା ୨୫୦ ମିଲିଗ୍ରାମ ଅକ୍ସିଫ୍ଲୁରଫେନ୍ ୨୩.୫ % ଇସି କିମ୍ବା ୪୫୦ ମିଲିଗ୍ରାମ ଅକ୍ସାଡିଆରଜିଲ ୬% ଇସି  କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଗଜା ପୂର୍ବବର୍ତ୍ତୀ ଘାସମରା ଔଷଧ ପ୍ରୟୋଗ କରିନଥିଲେ ଧାନ ବୁଣିବାର ୧୫ ରୁ ୨୦ ଦିନ ମଧ୍ୟରେ ଏକର ପ୍ରତି ୧୨୦ ମି.ଲି. ବିସ୍ପାଇରିବାକ୍ ସୋଡିୟମ ୧୦% ଏସ.ସି., ବୁଣିବାର ୨୦ ରୁ ୨୫ ଦିନ ମଧ୍ୟରେ  ୨୦୦ ଲିଟର ପାଣିରେ ମିଶାଇ  ଶୁଖିଲା ପାଗରେ ସିଞ୍ଚନ କରନ୍ତୁ।<br>**ରୁଆ ଧାନ :**<br>**ଜମି ପ୍ରସ୍ତୁତି:** ୭ ରୁ ୧୦ ଦିନ ବ୍ୟବଧାନରେ ମୁଖ୍ୟ ଜମିକୁ ଦୁଇଥର କାଦୁଅ କରନ୍ତୁ ଏବଂ ସମାନ ଭାବରେ ଗଛର ବୃଦ୍ଧି ପାଇଁ ଜମିକୁ ସମତଳ କରନ୍ତୁ। ପ୍ରଥମ ଥର କାଦୁଅ ସମୟରେ ସବୁଜ ସାର ରୂପେ ଆଗରୁ ଧଇଁଞ୍ଚା ବୁଣିଥିଲେ ସେହି ଗଛକୁ ତାହାକୁ ମାଟିରେ ମିଶାଇ ଦିଅନ୍ତୁ। ଅନ୍ତିମ କାଦୁଅ ସମୟରେ ମୁଖ୍ୟ ଜମିରେ ଜମିରେ ଏକର ପ୍ରତି ୮ କୁଇଣ୍ଟାଲ ଶଢା ଗୋବର ଖତ ପ୍ରୟୋଗ କରନ୍ତୁ।<br>**ତଳିଘରା ପରିଚାଳନା:** ଧାନ ତଳିଘରାରେ ନଳୀ ପୋକ, କାଣ୍ଡ ବିନ୍ଧା ପୋକ, ବଙ୍ଗୀ  ପୋକ, ପତ୍ର ମୋଡ଼ା ପୋକ ଏବଂ ଚେର ଗଣ୍ଠି ସୂତ୍ର କୃମି ର ପ୍ରାଦୁର୍ଭାବକୁ ରୁଆ ପରଠାରୁ ୩ ସପ୍ତାହ ପର୍ଯନ୍ତ  ନିୟନ୍ତ୍ରଣ କରିବା ପାଇଁ ୧୦ ଡେସିମିଲ୍ ତଳିଘରା ରେ ରୁଆ କାର୍ଯ୍ୟର ୭ ଦିନ ପୂର୍ବରୁ କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୦.୪% ଜି  @ ୪୦୦ ଗ୍ରାମ କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪% ଜି.ଆର୍ @ ୮୦୦  ଗ୍ରାମ କିମ୍ବା ଫିପ୍ରୋନିଲ୍ ୦.୩% ଜି.ଆର୍  @ ୧ କିଲୋଗ୍ରାମ ପ୍ରୟୋଗ କରନ୍ତୁ। |
| **କପା** | **ବୁଣିବା ଅବସ୍ଥା** | ▪ ଅନିଶ୍ଚିତ ବର୍ଷା ପରିସ୍ଥିତିରେ ସମ୍ପୂର୍ଣ୍ଣ ଫସଲ ନଷ୍ଟ ହେବାର ଆଶଙ୍କାକୁ କମାଇବା ପାଇଁ ପର୍ଯ୍ୟାୟକ୍ରମେ ବା ଭାଗ ଭାଗ କରି ବିହନ ବୁଣିବା ପଦ୍ଧତି ଆପଣାଇବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଛି ।<br>▪ ଅନିଶ୍ଚିତ ବୃଷ୍ଟିପାତ ଜନିତ ସ୍ଥିତିରେ କ୍ଷତିର ଆଶଙ୍କା କମାଇବା ଏବଂ ଅଧିକ ଲାଭ ପାଇବା ପାଇଁ ଚାଷୀମାନେ ମିଶ୍ରିତ ବା ଅନ୍ତଃଫସଲ ପ୍ରଣାଳୀ ଆପଣାଇବାକୁ ପରାମର୍ଶ ଦିଆଯାଉଛି। ଏଥିପାଇଁ ହରଡ଼ ସହିତ ମୁଗକୁ ୮:୨ ଧାଡ଼ି ଅନୁପାତରେ ଏବଂ ହରଡ଼ ସହିତ ବିରିକୁ ୧:୨ ଧାଡ଼ି ଅନୁପାତରେ ଲଗାନ୍ତୁ ।<br>**ଆବଶ୍ୟକ ବିହନ:** ସାଧାରଣ କପା ଚାଷ ପାଇଁ ୧ କି.ଗ୍ରା. ପ୍ରତି ଏକର  ଏବଂ ସଘନ କପା ଚାଷ ପାଇଁ ୫ କି.ଗ୍ରା. ପ୍ରତି ଏକର।<br>**ବିହନ ବିଶୋଧନ:** ବୁଣିବା ପୂର୍ବରୁ ୧ କିଲୋଗ୍ରାମ ମଞ୍ଜିକୁ ୭ ଗ୍ରାମ ଇମିଡାକ୍ଲୋପ୍ରିଡ଼ ୭୦ ଡବ୍ଲୁ.ଜି ଦ୍ୱାରା ବିଶୋଧନ କରନ୍ତୁ ଯାହାଦ୍ୱାରା ଶୋଷକ ପୋକ ମାନଙ୍କର ସଂକ୍ରମଣ ହ୍ରାସ ପାଇବ।<br>**ଅନୁମୋଦିତ ସାର :** ହଳ କରିବା ପୂର୍ବରୁ ଏକର ପ୍ରତି ୨ ଟନ ସଢ଼ା ଗୋବର ଖତ କିମ୍ବା ୧ ଟନ ଜିଆ ଖତ କୁ ମାଟି ଉପରେ ସମାନ ଭାବରେ ଖେଳାଇ ଦିଅନ୍ତୁ। ଚାଷୀ ଭାଇ ମାନେ ମୃତ୍ତିକା ପରୀକ୍ଷା କରି ଆବଶ୍ୟକ ପରିମାଣ ର ସାର ପ୍ରୟୋଗ କରନ୍ତୁ। ସାଧାରଣତଃ ମଞ୍ଜି ବୁଣିବା ସମୟରେ ସଙ୍କର ଜାତୀୟ କିସମ ପାଇଁ  ଏକର ପ୍ରତି ୧୨୦ କିଲୋଗ୍ରାମ ଡ଼ିଏପି + ୨୪ କିଲୋଗ୍ରାମ ଏମଓପି ସାର ପ୍ରୟୋଗ କରିବା ଆବଶ୍ୟକ ଏବଂ ଅଧିକ ଅମଳକ୍ଷମ କିସମ ପାଇଁ ଏକର ପ୍ରତି ୯୦ କିଲୋଗ୍ରାମ ଡ଼ିଏପି + ୧୮ କିଲୋଗ୍ରାମ ଏମଓପି ସାର ପ୍ରୟୋଗ କରିବା ଆବଶ୍ୟକ।<br>**ଘାସ ପରିଚାଳନା :** ଗଜା ପୂର୍ବରୁ ଘାସ ଦମନ ନିମନ୍ତେ ବୁଣିବାର ୩ ଦିନ ମଧ୍ୟରେ ଏକର ପିଛା ଏକ ଲିଟର ପେଣ୍ଡିମିଥାଲିନ୍ ୩୦% ଇସି କୁ ୨୦୦ ଲିଟର ପାଣିରେ ମିଶାଇ ମାଟିରେ ପର୍ଯ୍ୟାପ୍ତ ବତର ଥିବା ସମୟରେ  ସିଞ୍ଚନ କରନ୍ତୁ । |

| | | |
|---|---|---|
| ହରଡ଼ | ବୁଣିବା ଅବସ୍ଥା | ▪ ଅନିଶ୍ଚିତ ବର୍ଷା ପରିସ୍ଥିତିରେ ସମ୍ପୂର୍ଣ୍ଣ ଫସଲ ନଷ୍ଟ ହେବାର ଆଶଙ୍କାକୁ କମାଇବା ପାଇଁ ପର୍ଯ୍ୟାୟକ୍ରମେ ବା ଭାଗ ଭାଗ କରି ବିହନ ବୁଣିବା ପଦ୍ଧତି ଆପଣାଇବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଛି ।<br>**ଏକର ପ୍ରତି ପ୍ରତି ଆବଶ୍ୟକ ବିହନ:** ସଅଳ କିସମ ପାଇଁ ୮ କିଲୋଗ୍ରାମ ଏବଂ ମଧ୍ୟମ କିମ୍ବା ଲମ୍ବା କିସମ ପାଇଁ ୬ କିଲୋଗ୍ରାମ ।<br>**ବିହନ ବିଶୋଧନ:** ମଞ୍ଜି ବୁଣିବାର ସାତ ଦିନ ପୂର୍ବରୁ ପ୍ରତି ଏକ କିଲୋଗ୍ରାମ ମଞ୍ଜିକୁ ୨ ଗ୍ରାମ ଥିରାମ + ୧ ଗ୍ରାମ କାରବେନଡାଜ଼ିମ କିମ୍ବା ୩ ଗ୍ରାମ ଥିରାମ ବିହନ ବିଶୋଧନ କରନ୍ତୁ। ମଞ୍ଜି ବୁଣିବାର କିଛି ଘଣ୍ଟା ପୂର୍ବରୁ ପ୍ରତି ଏକ କିଲୋଗ୍ରାମ ମଞ୍ଜିକୁ ୨୦ ଗ୍ରାମ ଜୈବିକ କଲ୍ଚର (ରାଇଜୋବିୟମ ଓ ପି.ଏସ.ବି) ଏବଂ ତା ପରେ ୫ ରୁ ୭ ଗ୍ରାମ ଟ୍ରାଇକୋଡର୍ମା ଭିରିଦେ ଦ୍ୱାରା ଦ୍ୱାରା ବିଶୋଧନ କରନ୍ତୁ । ବିହନ ବିଶୋଧନ କରିବା ଦ୍ୱାରା ମଞ୍ଜି ଏବଂ ମାଟିରୁ ଜାତ ହେଉଥିବା ରୋଗର ସଂକ୍ରମଣ ହ୍ରାସ ପାଇଥାଏ ।<br>**ଅନୁମୋଦିତ ଖାଦ୍ୟସାର :** ଏକର ପ୍ରତି ୧ ଟନ ଶଢା ଗୋବର ଖତ ଅନ୍ତିମ ଜମି ପ୍ରସ୍ତୁତି ସମୟରେ ପ୍ରୟୋଗ କରନ୍ତୁ। ଚାଷୀ ଭାଇ ମାନେ ମୃତ୍ତିକା ପରୀକ୍ଷା କରି ଆବଶ୍ୟକ ପରିମାଣ ର ସାର ପ୍ରୟୋଗ କରନ୍ତୁ। ମଞ୍ଜି ବୁଣିବା ପୂର୍ବରୁ ଏକର ପ୍ରତି ୩୫ କିଲୋଗ୍ରାମ ଡ଼ିଏପି + ୧୩ କିଲୋଗ୍ରାମ ଏମଓପି ସାର + ୫ କିଲୋଗ୍ରାମ ୟୁରିଆ ସାର + ୧୦୦ କିଲୋଗ୍ରାମ ଜିପସମ + ୧୦ କିଲୋଗ୍ରାମ ଜିଙ୍କ ସଲଫେଟ୍ ପ୍ରୟୋଗ କରିବା ଆବଶ୍ୟକ ।<br>**ଘାସ ପରିଚାଳନା :** ଗଜା ପୂର୍ବରୁ ଘାସ ଦମନ ନିମନ୍ତେ ବୁଣିବାର ୩ ଦିନ ମଧ୍ୟରେ ଏକର ପିଛା ଏକ ଲିଟର ପେଣ୍ଡିମିଥାଲିନ୍ ୩୦% ଇସି କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ମକା | ବୁଣିବା ଅବସ୍ଥା | ▪ ଅନିଶ୍ଚିତ ବର୍ଷା ପରିସ୍ଥିତିରେ ସମ୍ପୂର୍ଣ୍ଣ ଫସଲ ନଷ୍ଟ ହେବାର ଆଶଙ୍କାକୁ କମାଇବା ପାଇଁ ପର୍ଯ୍ୟାୟକ୍ରମେ ବା ଭାଗ ଭାଗ କରି ବିହନ ବୁଣିବା ପଦ୍ଧତି ଆପଣାଇବାକୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଛି ।<br>**ଆବଶ୍ୟକ ବିହନ:** ଏକର ପ୍ରତି ୬ ରୁ ୮ କିଲୋଗ୍ରାମ ।<br>ବିହନ ବିଶୋଧନ: ମଞ୍ଜି ବୁଣିବା ପୂର୍ବରୁ ପ୍ରତି ଏକ କିଲୋଗ୍ରାମ ମଞ୍ଜି କୁ ୧ ଗ୍ରାମ ବାଭିଷ୍ଟିନ + ୧ ଗ୍ରାମ କ୍ୟାପଟାନ ଏବଂ ୪ ଗ୍ରାମ ଇମିଡ଼ାକ୍ଲୋପ୍ରିଡ଼ ଦ୍ୱାରା ବିହନ ବିଶୋଧନ କରନ୍ତୁ।<br>**ଅନୁମୋଦିତ ସାର :** ଏକର ପ୍ରତି ୨ ରୁ ୪ ଟନ ଶଢା ଗୋବର ଖତ ଅନ୍ତିମ ଜମି ପ୍ରସ୍ତୁତି ସମୟରେ ପ୍ରୟୋଗ କରନ୍ତୁ । ମୃତ୍ତିକା ପରୀକ୍ଷା କରି ଆବଶ୍ୟକ ପରିମାଣ ର ସାର ପ୍ରୟୋଗ କରନ୍ତୁ। ମଞ୍ଜି ବୁଣିବା ସମୟରେ ସଙ୍କର ଜାତୀୟ କିସମ ପାଇଁ ଏକର ପ୍ରତି ୫୦ କିଲୋଗ୍ରାମ ଡ଼ିଏପି + ୪୦ କିଲୋଗ୍ରାମ ଏମଓପି ସାର ସାର ପ୍ରୟୋଗ କରିବା ଆବଶ୍ୟକ । ବୋରନ ଓ ଜିଙ୍କ ଅଭାବ ଥିଲେ ଏକର ପ୍ରତି ୧୦ କିଲୋଗ୍ରାମ ଜିଙ୍କ ସଲଫେଟ କିମ୍ବା ୪ କିଲଗ୍ରାମ ବୋରନ ବୁଣିବା ସମୟରେ ପ୍ରୟୋଗ କରନ୍ତୁ।<br>**ଘାସ ପରିଚାଳନା :** ଗଜା ପୂର୍ବରୁ ଘାସ ଦମନ ନିମନ୍ତେ ବୁଣିବାର ୩ ଦିନ ମଧ୍ୟରେ ଏକର ପିଛା ୫୦୦-୭୦୦ ଗ୍ରାମ୍ ଆଟ୍ରାଜାଇନ୍ ୫୦% ଡବ୍ଲୁ.ପି କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| **ଉଦ୍ୟାନ କୃଷି** | | |
| ବାଇଗଣ ଓ ଲଙ୍କା | ଚାରା ଅବସ୍ଥା | ▪ ୩୦ ରୁ ୪୫ ଦିନର ଚାରା ହେଇଯାଇଥିଲେ ତାହାକୁ ମୁଖ୍ୟ ଜମିରେ ପ୍ରତିରୋପଣ କରନ୍ତୁ ।<br>▪ ପ୍ରତିରୋପଣ କରି ସାରିଥିଲେ ଗଛ ସଂଖ୍ୟା ବଜାୟ ରଖିବା ପାଇଁ ଖାଲି ଥିବା ସ୍ଥାନକୁ ଚିହ୍ନଟ କରି ପୁନଃ ନୂଆ ଚାରା କୁ ପ୍ରତି ରୋପଣ କରନ୍ତୁ ।<br>▪ ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ ଏବଂ ବଳକା ବର୍ଷା ପାଣିର ନିଷ୍କାସନ ପାଇଁ ନାଳୀ ପ୍ରସ୍ତୁତ କରନ୍ତୁ । |
| ଭେଣ୍ଡି | ବୁଣିବା ଅବସ୍ଥା | ▪ ଅଧିକ ଅମଳ ନିମନ୍ତେ ଜୁଲାଇ ମାସ ଶେଷ ସୁଦ୍ଧା ବିହନ ବୁଣିବା କାମ ସାରି ଦିଅନ୍ତୁ।<br>▪ ଜମି ପ୍ରସ୍ତୁତି ସମୟରେ ଏକର ପ୍ରତି ୨ ଟନ ଶଢା ଗୋବର ଖତ ପ୍ରୟୋଗ କରନ୍ତୁ।<br>▪ ଝାଉଁଳା ରୋଗ ରୁ ସୁରକ୍ଷା ନିମନ୍ତେ ବିହନ ପୋତିବା ପୂର୍ବରୁ ପ୍ରତି ଏକ କିଲୋଗ୍ରାମ ମଞ୍ଜି କୁ ୨ ଗ୍ରାମ ବାଭିଷ୍ଟିନ ଦ୍ୱାରା ବିହନ ବିଶୋଧନ କରନ୍ତୁ।<br>▪ **ଆବଶ୍ୟକ ବିହନ:** ଏକର ପ୍ରତି ୪ କିଲୋଗ୍ରାମ ।<br>▪ ଜମିରେ ପ୍ରବଳ ବର୍ଷା ଜନିତ ପାଣି ଜମିବା ପରିସ୍ଥିତି କୁ ଏଡ଼େଇବା ପାଇଁ ଆବଶ୍ୟକ ପଦକ୍ଷେପ ନିଅନ୍ତୁ । |
| **ଗୃହ ପାଳିତ ପଶୁ ଓ ପକ୍ଷୀ ପାଳନ** | | |
| ଗାଈ ଓ ମଇଁଷି | | ବର୍ଷା ଦିନେ ଗୁହାଳକୁ ଯଥା ସମ୍ଭବ ସଫା ଓ ଶୁଖିଲା ରହିବା ଉଚିତ । ଏହାଦ୍ୱାରା ଥନହରା ଓ ଅନ୍ୟ ବୀଜାଣୁ ଜନିତ ରୋଗର ପ୍ରତିରୋଧ ସମ୍ଭବ ହୋଇଥାଏ । ବର୍ଷା ପାଣିରେ ଓଦା ହୋଇଥିବା ଘାସକୁ ତୁରନ୍ତ ପଶୁ ମାନଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ କାରଣ ଏହା ସେମାନଙ୍କ ଠାରେ ତରଳ ଝାଡା ଓ ପେଟରେ ବାୟୁ ଜମା ହେବା ଭଳି ରୋଗ ସୃଷ୍ଟି କରିପାରେ। |
| ଛେଳି ଓ ମେଣ୍ଢା | | ବହୁତ ସଂଖ୍ୟାରେ ଏହି ପଶୁ ମାନଙ୍କୁ ଗୋଟିଏ ଘରେ ରଖନ୍ତୁ ନାହିଁ । ମୌସୁମୀ ଜନିତ ବର୍ଷା ପାଇଁ ସେମାନଙ୍କର ପଶୁ |

| | |
|---|---|
| | ଡାକ୍ତରଙ୍କ ପରାମର୍ଶରେ ଟିକକରଣ କରେଇ ନିଅନ୍ତୁ । ଗୋଟିଏ ନିର୍ଦ୍ଦିଷ୍ଟ ଚାରଣ ଭୂମିରେ ସବୁଦିନ ସେମାନଙ୍କୁ ନ ଚରେଇ ଅଲଗା ଅଲଗା ଚାରଣ ଭୂମି ବାଛନ୍ତୁ । ଛେଳି ଛୁଆ ମାନେ ଶୋଉଥିବା ଜାଗାକୁ ଶୁଖିଲା ରଖନ୍ତୁ । |
| **କୁକୁଡ଼ା** | ବର୍ତମାନ ମୌସୁମୀ ବର୍ଷାକୁ ଧ୍ୟାନରେ ରଖି କୁକୁଡ଼ା ଚିଆଁ ମାନଙ୍କ ପାଇଁ ସ୍ଥିରୀକୃତ ବୃଡିଙ୍ଗ ତାପମାତ୍ରକୁ ସଠିକ ରଖନ୍ତୁ । କୁକୁଡ଼ା ଘରେ ବିଛା ଯାଉଥିବା ଚଷୁକୁ ଶୁଖିଲା ରଖନ୍ତୁ ଓ ଇନ୍ଫ୍ରାରେଡ଼ ଲାଇଟ ବ୍ୟବହାର କରନ୍ତୁ । କୁକୁଡ଼ା ଦାନା କୁ ଶୁଖିଲା ପାତ୍ରରେ ରଖନ୍ତୁ ଓ ତାହା ଯେମିତି ଓଦା ନହୁଏ ସେଥିପ୍ରତି ସଜାଗ ରହନ୍ତୁ । ସଠିକ ସମୟରେ କୁକୁଡ଼ା ମାନଙ୍କର ଟୀକାକାରଣ କରେଇ ଦିଅନ୍ତୁ ଏବଂ ପାଣିରେ ଇଲେକ୍ଟ୍ରୋଲାଇଟ, ଭିଟାମିନ ସି ର ବ୍ୟବହାର କରନ୍ତୁ । |

ନୋଡାଲ ଅଫିସର

ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା

ବି.ଦ୍ର.:- ସ୍ଥାନୀୟ ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପାଇଁ "ମଉସମ", ପାଣିପାଗ ଭିତିକ କୃଷି ସୂଚନା ପାଇଁ "ମେଘଦୂତ" ଓ ବିଜୁଳି ସତର୍କ ସୂଚନା ପାଇଁ "ଦାମିନୀ" ମୋବାଇଲ ଆପ୍ଲିକେସନ ବ୍ୟବହାର କରନ୍ତୁ।

କୃଷିରେ ଅଧିକତର ଲାଭ ନିମନ୍ତେ ଓୟୁଏଟି କଳିଙ୍ଗ ଦ୍ରବ୍ୟ ବ୍ୟବହାର କରନ୍ତୁ (ବିହନ, ଚାରା ଓ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଟିସୁ କଲ୍ଚର ଚାରା, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ , ଅଙ୍ଗୁଳିକା ଯାଆଁଳ/ ବର୍ଷିକୀୟା ଯାଆଁଳ, କୁକୁଡ଼ା ଚିଆଁ, ପଶୁ ପ୍ରଜାତି, ଛତୁ ଓ ମଞ୍ଜି , ଜୀବାଣୁ ସାର , ଜୈବିକ କୀଟନାଶକ , ଜିଆ ଓ ଜିଆଖତ ଏବଂ କୃଷି ଯନ୍ତ୍ରପାତି).

ଭାରତୀୟ ପାଣିପାଗ ସଂସ୍ଥା ର ପାଣିପାଗ ଆକଳନ ଓ କୃଷିପାଣିପାଗ ଜନିତ ସୂଚନା ଏବେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ମେଘଦୂତ ଆପ ରେ ଉପଲବ୍ଧ । ଆପ ଡାଉନଲୋଡ କରିବା ପାଇଁ ନିମ୍ନ ଲିଙ୍କରେ କ୍ଲିକ କରନ୍ତୁ ।

**(Android: https://play.google.com/store/apps/details?id=com.aas.meghdoot), (iOS: https://apps.apple.com/in/app/meghdoot/id1474048155)**